

# ଜୀବନ କଥା

"Jibana Katha" KFI Cuttack Centre, Odia Newsletter

ଜାନୁୟାରୀ - ଅପ୍ରେଲ, ୨୦୧୬

ପରେ ପରେ...

ଜେ. କ୍ରିଷ୍ଣମୂର୍ତ୍ତିଙ୍କ ସ୍ମୃତିରୁ କିଛି ପୃ : ୪
ମୃତ୍ୟୁ – ଏକ ମହା... ପୃ : ୪
ପ୍ରକାଶିତ ପୁସ୍ତକ ପୃ : ୬

## ମୃତ୍ୟୁ

ଭଦ୍ର ମହିଳା ଜଣକ କହିଲେ ଯେ ତାଙ୍କ ବୟସ ହେଉଛି ପଇଁଚାଳିଶି । ଶାଢ଼ୀ ଖଣ୍ଡିକ ବଡ଼ ଯତ୍ନରେ ସେ ପିନ୍ଧିଥିଲେ । ହାତରେ ଥିଲା କିଛି ଚୁଡ଼ି । ତାଙ୍କ ସାଙ୍ଗରେ ଆସିଥିବା ବୟସ୍କ ଲୋକ ଜଣକ ନିଜର ପରିଚୟ ଦେଲେ ଯେ ସେ ତାଙ୍କର ମାମୁଁ ହେବେ । ଆମେ ସବୁ ଚଟାଣ ଉପରେ ବସିଥିଲୁ । ସାମନାରେ ଦିଶୁଥିଲା ଗୋଟିଏ ବଡ଼ ବଗିଚା । ସେଥିରେ ଥିଲା ଗୋଟିଏ ବରଗଛ, କେତୋଟି ଆମ୍ବଗଛ, ରଙ୍ଗ ଟହ ଟହ ବୁଗେନଭିଲା, ଆଉ ବଢ଼ନ୍ତା ତାଳଗଛ କେଇଟା । ଭଦ୍ର ମହିଳା ଜଣକ ଅତିରିକ୍ତ ଦୁଃଖରେ ଭାଙ୍ଗି ପଡୁଥିଲେ । ତାଙ୍କ ହାତ ଦି'ଟା ଖାଲି ଅସ୍ଥିର ହେଇ ଉଠୁଥିଲା । ପାଟିରୁ ବାହାରି ଆସୁଥିବା କୋହ ଆଉ ଲୁହକୁ ସେ ଅଟକାଇବାର ଚେଷ୍ଟା କରୁଥିଲେ । ମାମୁଁ ଜଣକ କହିଲେ "ମୋର ଏଇ ଭାଣିଜୀ ବିଷୟରେ ଆପଣଙ୍କ ସହିତ କଥାଭାଷା କରିବାକୁ ଆମେ ଏଠିକି ଆସିଛୁ । ଏଇ କିଛି ବର୍ଷ ତଳେ ତା ସ୍ୱାମୀ ମରିଗଲା । ପରେ ପରେ ପୁଅଟି ବି ତା'ର ମରିଗଲା । ଏବେ ସେ ସଦାବେଳେ ଖାଲି କାନ୍ଦୁଛି; ବୁଢ଼ୀଙ୍କ ପରି ଦିଶିଲାଣି । କ'ଣ କରାଯିବ ବୋଲି କିଛି ହେଲେ ବୁଦ୍ଧି ବାଟ ଆଉ ଦିଶୁନାହିଁ । ଡାକ୍ତର ଯାହା ଯେମିତି କହୁଛନ୍ତି ସେଥିରେ କିଛି ଫଳ ହେଉନାହିଁ । ଏଣେ ଇଏ ତାର ପିଲା ପିଲିଙ୍କ ସହିତ ସମ୍ପର୍କ କଟେଇ ମନମରା ହେଇ ପଡୁଛି । ଦିନକୁ ଦିନ ଝଡ଼ି ଝଡ଼ି କାଠି ପରି ହେଇଗଲାଣି । ଶେଷକୁ ଯା'ର ପରିଣତି କଅଣ ହେବାକୁ ଯାଉଛି କେଜାଣି । ଏବେ ତା'ରି କଥାରେ ଆମେ ଏଠିକି ଆସିଛୁ ।"

"ଚାରିବର୍ଷ ତଳେ ମୋ ସ୍ୱାମୀଙ୍କୁ ହରେଇଲି । ସେ ଜଣେ ଡାକ୍ତର ଥିଲେ । କ୍ୟାନସର ରୋଗରେ ସେ ମଲେ । ମତେ ସେତକ ସେ ଲୁଚେଇଥିଲେ । କେବଳ ଶେଷ ବର୍ଷ ବେଳକୁ କି କଣ ସେକଥା ମୁଁ ଜାଣିଲି । ଡାକ୍ତରମାନେ ତାଙ୍କୁ ମରଫିନ ଆଉ ଅନ୍ୟାନ୍ୟ ନିଶା ଔଷଦ ଦଉଥିଲେ, ହେଲେ ସୁଦ୍ଧା ଅତି ଉକ୍ଟ ଯନ୍ତ୍ରଣା ସେ ଭୋଗୁଥିଲେ । ମୋରି ଆଖି ଆଗରେ ଶୁଖି ଶୁଖି ଶେଷକୁ ସେ ଚାଲିଗଲେ ।"

କୋହରେ ତାଙ୍କର ଗଳା ରୁଦ୍ଧ ହେଇଗଲା । ଗଛ ଡାଳରେ କପୋତଟିଏ ବସି ଘୁମୁରୁ ଥିଲା । ଧୂସର ରଙ୍ଗ, ଛୋଟ ମୁଣ୍ଡ ଆଉ ଦେହଟା ବଡ଼– ଯଦିଓ ଖୁବ୍ ବେଶୀ ବଡ଼ ନୁହଁ । କାରଣ ସେଇଟା ହେଉଛି କପୋତ । ତା'ପରେ ସେ ଉଡ଼ି ଚାଲିଗଲା ଆଉ ତା'ରି ଜୋର୍‌ରେ ଡାଳଟା ଦୋହଲି ଉଠିଲା ।

"ଏ ନିଃସଙ୍ଗତା ମୋ ପକ୍ଷରେ ବଡ଼ ଅସହ୍ୟ ହେଇ ପଡୁଛି, ତାଙ୍କ ବିନା ଏଇ ଜୀବନଟା ନିରର୍ଥକ, ଅସାର ମନେ ହଉଛି । ମୋ ପିଲାମାନଙ୍କୁ ମୁଁ ଭଲ ପାଉଥିଲି । ତିନୋଟି ପିଲା ମୋର ଥିଲେ– ଗୋଟିଏ ପୁଅ, ଯୋଡ଼ିଏ ଝିଅ । ଗତବର୍ଷ ସେ ପୁଅ ଦିନେ ତା ସ୍କୁଲରୁ ମତେ ଚିଠି ଦେଲା ଯେ ତା ଦେହ ଭଲ ନାହିଁ । ଆଉ ତାର ଅଳ୍ପ କେଇଟା ଦିନ ପରେ ତାଙ୍କ ସ୍କୁଲରୁ ପ୍ରଧାନ ଶିକ୍ଷକ ଟେଲିଫୋନରେ ମତେ ଜଣେଇଲେ ଯେ ସେ ମରିଗଲା ।"

ଏତିକି କହି ବଡ଼ ଅସହାୟ ଭାବରେ ସେ କାନ୍ଦି ଉଠିଲେ । ତା'ପରେ ପୁଅର ଖଣ୍ଡେ ଚିଠି କାଢ଼ି ଦେଖେଇଲେ ଯୋଉଥିରେ କି ପୁଅ ତାଙ୍କୁ ଲେଖିଥିଲା ତା' ଦେହ ଭଲ ଲାଗୁନାହିଁ ବୋଲି ସେ ଘରକୁ ଚାଲି ଆସିବାକୁ ଚାହେଁ । ଆଉ ମାଆର ଦେହ ଭଲଥିବ ବୋଲି ସେ ଆଶା କରେ । ଭଦ୍ର ମହିଳା ବୁଝେଇବାକୁ ଚେଷ୍ଟା କଲେ

## କାର୍ଯ୍ୟକ୍ରମ ସମ୍ବନ୍ଧରେ...

ପ୍ରତ୍ୟେକ ରବିବାର ଦିନ ଗୁଡ଼ିକରେ ଏଠାରେ ସକାଳ ୯.୦୦ ରେ ନିୟମିତ ରୂପେ Group Discussion ମାନ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ପାଠକମାନେ ଜେ. କ୍ରିଷ୍ଣମୂର୍ତ୍ତିଙ୍କ ଲେଖାକୁ ବୁଝିବାରେ ନିଜ ନିଜର ଅସୁବିଧାମାନ ଉପସ୍ଥାପିତ କରି ତାହାକୁ ଦୂର କରିବାରେ ପରସ୍ପର ମଧ୍ୟରେ ଆଲୋଚନା କରିଥା'ନ୍ତି । ଏହି ସୁଯୋଗର ସୁବିଧା ନେବା ନିମନ୍ତେ ସମସ୍ତ ପାଠକଙ୍କୁ ଏହି ଅନୁଷ୍ଠାନ ସାଦର ନିମନ୍ତ୍ରଣ ଜଣାଉଛି ।

ଯେ ପୁଅଟି ତାଙ୍କ ପାଇଁ ବହୁତ ବ୍ୟସ୍ତ ହଉଥିଲା, ମାଆକୁ ଛାଡ଼ି ସ୍କୁଲ ଯିବାକୁ ସେ ଆଦୌ ଚାହୁଁ ନ ଥିଲା ବରଂ ସେ ତା ମାଆ ପାଖରେ ରହିବାକୁ ଖୋଜୁଥିଲା। ସେଇ ନିଜେ ତାକୁ ଏକରକମ ଜୋର କରି ସ୍କୁଲକୁ ପଠେଇଥିଲେ କାରଣ ତାଙ୍କର ଡର ହଉଥିଲା କାଳେ ସେ ବି ତାଙ୍କ ଦୁଃଖ ଦେଖି କଷ୍ଟ ପାଇବ। କିନ୍ତୁ ଏବେ ସେ ସବୁ ହାତରୁ ଖସି କାହିଁ ଚାଲିଗଲା। ଝିଅ ଦୁଇଟି ଖୁବ୍ ପିଲା ଥିବାରୁ ଏସବୁ ଘଟଣା ପ୍ରତି ସଚେତନ ନ ଥିଲେ। ଏଇତକ କହି ପକେଇ ସେ ହଠାତ୍ କାନ୍ଦି ଉଠିଲେ। 'କଅଣ ମୁଁ କରିବି କିଛି ଜାଣିପାରୁ ନାହିଁ। ଏ ମରଣ ଯେ ମୋ ଜୀବନର ମୂଳଦୁଆକୁ ଏକାବେଳେ ଦୋହଲେଇ ଦେଇଛି। ଠିକ୍ ଘରଟିଏ ଭଳି ବାହାଘରଟା ଗୋଟାଏ ଟାଣୁଆ ମୂଳଦୁଆ ଉପରେ ଛିଡ଼ା ହୋଇଥିଲା, ଏବେ ଏଇ ଭୟଙ୍କର ଘଟଣା ଘଟି, ସବୁ ଏକବାରେ ଛିନ୍ନଛିତର ହେଇଗଲା।'

ମାମୁଁଟି ନିଶ୍ଚୟ ଜଣେ ଈଶ୍ୱର ବିଶ୍ୱସୀ ଓ ପରମ୍ପରାବାଦୀ ଲୋକ ହେଇଥିବେ। କାରଣ ସେ କହିଲେ 'ଠାକୁରେ ତ ତାକୁ ଏ ଦଶା ଦେଲେ। ଯାହା ଯେମିତି କ୍ରିୟା କର୍ମ କରାଯିବା କଥା, ସେ ସବୁ ତ ସେ କରିଛି କିନ୍ତୁ କାହିଁ କିଛି ତ ଉପକାର ମିଳିଲା ନାହିଁ! ପୁନର୍ଜନ୍ମ ଉପରେ ମୁଁ ବିଶ୍ୱାସ କରେ କିନ୍ତୁ ସେଥିରୁ କିଛି ହେଲେ ସାନ୍ତ୍ୱନା ସେ ପାଉନାହିଁ। ସେ ବିଷୟରେ ସେ କିଛି ହେଲେ କଥାବାର୍ତ୍ତା କରିବାକୁ ବି ଚାହୁଁ ନାହିଁ। ତା ପକ୍ଷରେ ଏସବୁ ହେଲା ନରର୍ଥକ। ଆମେ ବି ତାକୁ କୌଣସି ପ୍ରକାର ସାନ୍ତ୍ୱନା ଦେଇ ପାରୁନୁ'।

କିଛି ସମୟ ଧରି ଆମେ ସେମିତି ଚୁପଚାପ ହେଇ ବସି ରହିଲୁ। ସେତେବେଳକୁ ତାଙ୍କ ରୁମାଲଟା ପୂରାପୂରି ଓଦା ହେଇ ସାରିଥିଲା। ଥାକର ସଫା ରୁମାଲଟିରେ ଗାଲର ଲୁହଗୁଡ଼ା ପୋଛା ହେଲା। ଝରକା ଦେଇ ନାଲି ବୋଗେନ୍‌ଭିଲା ଫୁଲଗୁଡ଼ାକ ସତେ କି ଉଙ୍କିମାରି ଦେଖୁଥିଲେ, ଆଉ ତାର ପ୍ରତିଟି ପତ୍ର ଉପରେ ଉଜ୍ଜ୍ୱଳ ଦକ୍ଷିଣା ଆଲୋକ ଖେଳି ବୁଲୁଥିଲା।

ତମେ କଣ ଏ ବିଷୟରେ ଗୁରୁତ୍ୱ ଦେଇ ଆଲୋଚନା କରିବାକୁ ଚାହଁ, ଅର୍ଥାତ ତାର ମୂଳଯାଏ ପଶି ଦେଖିବାକୁ ଚାହଁ? ନା ତାର କେବଳ ବ୍ୟାଖ୍ୟାଟିଏ, ବିଚାରବନ୍ତ ଯୁକ୍ତିଟିଏ ଧରି ସେଇଥିରେ ସାନ୍ତ୍ୱନା ପାଇଯିବାକୁ ଚାହଁ; ଗୁଡ଼ାଏ ସନ୍ତୋଷଜନକ କଥା ଶୁଣିନେଇ ସେଥିରେ ନିଜର ଦୁଃଖଟାକୁ ଭୁଲେଇ ଦେବାକୁ ଚାହଁ?

ସେ ଉତ୍ତର ଦେଲେ 'ମୁଁ ତା ଭିତରକୁ, ତା ଗଭୀରକୁ ପଶିବାକୁ ଚାହେଁ। କିନ୍ତୁ ଆପଣ ଯାହା ସବୁ କହିବାକୁ ଯାଉଛନ୍ତି ସେତକର ମୁହାଁମୁହିଁ ହେବାଭଳି ସାମର୍ଥ୍ୟ ବା ଶକ୍ତି ମୋ'ଠି ଅଛି କି ନାହିଁ ତା'ତ ମୁଁ ଜାଣେ ନାହିଁ। ମୋ ସ୍ୱାମୀ ବଞ୍ଚିଥିବାବେଳେ ଆମେ ଆପଣଙ୍କର କେତେଗୁଡ଼ାଏ ଭାଷଣ ଶୁଣିବାକୁ ଆସିଥିଲୁ। ଏବେ କିନ୍ତୁ ସେତକ ଆପଣଙ୍କ ସହିତ ବୁଝିବାକୁ ବି ମତେ କଷ୍ଟକର ଲାଗିପାରେ।'

କାହିଁକି ତମ ମନରେ ଏତେ ଦୁଃଖ ହଉଛି? ଯା'ର କିଛି ବ୍ୟାଖ୍ୟା କାଢ଼ିବା ଦରକାର ନାହିଁ। କାରଣ ସେଇଟା କେବଳ ତମ ଭିତରିଆ ଅନୁଭବର ଏକ ମୌଖିକ ରୂପ ହେବ ଯୋଉଟା କି ବାସ୍ତବ ତଥ୍ୟ ନୁହଁ। ତେଣୁ ଆମେ ଯେତେବେଳେ ପ୍ରଶ୍ନଟିଏ ପଚାରୁଛୁ, ତମେ ତାର ଜବାବଟିଏ ଦେଇ ପକାଅ ନାହିଁ। ଖାଲି ଶୁଣିନିଅ, ଆଉ ଆପେ ଆପେ ସେଇଟା ଖୋଜି ବାହାର କର। ଏଇ ମରଣର ଦୁଃଖଟା କାହିଁକି ରହୁଛି– ଘରେ ଘରେ, କିବା ଧନୀ, କିବା ଗରିବ, ପୃଥିବୀର ସବୁଠୁ ବଳି ଶକ୍ତିଶାଳୀ ଲୋକଠୁ ଆରମ୍ଭ କରି ବୁଲା ଭିକାରୀଟିଏ ପର୍ଯ୍ୟନ୍ତ– ସବୁରି ପାଖରେ କାହିଁକି ଏ ଦୁଃଖଟା ଦେଖାଯାଏ? ତମେ ନିଜେ ବି କାହିଁକି ମନ ଦୁଃଖ ଭିତରେ ବୁଡ଼ି ରହୁଛ? ଏ ଦୁଃଖଟା କଣ ତମ ସ୍ୱାମୀ ପାଇଁ ହଉଛି, ନା ତମରି ନିଜ ପାଇଁ ହଉଛି? ତମେ ଯଦି ତାଙ୍କ ପାଇଁ କାନ୍ଦୁଥାଅ ତେବେ ତମ ଆଖିର ଲୁହ କଣ ତାଙ୍କୁ କୋଉଥିରେ ସାହାଯ୍ୟ କରିପାରିବ? ସେ ତ ସବୁଦିନ ପାଇଁ ଚାଲିଗଲେ। ତମେ ଯେତେ ଯାହା କଲେ ବି ତାଙ୍କୁ ତ ଆଉ ଫେରି ପାଇବ ନାହିଁ– ଆଖିର ଲୁହ ଦ୍ୱାରା ନୁହେଁ କି ବିଶ୍ୱାସ ଦ୍ୱାରା ନୁହେଁ କି ପୂଜାପାଠ ନୁହେଁ କି ଦେବାଦେବୀ ନୁହେଁ– କିଛି ହେଲେ ତାଙ୍କୁ ଆଉ ଫେରାଇ ଆଣି ପାରିବ ନାହିଁ। ଏଇ ନିରାଟ ତଥ୍ୟଟାକୁ ତମକୁ ମାନି ନେବାକୁ ପଡ଼ିବ। ଏ ଦିଗରେ ତମେ କିଛି ହେଲେ କରିପାରିବ ନାହିଁ। କିନ୍ତୁ ତମେ ଯଦି ନିଜ ପାଇଁ କାନ୍ଦୁଥାଅ, ତମେ ନିଜର ନିଃସଙ୍ଗତା ପାଇଁ କି ନିଜର ନିଃସ୍ୱ ଜୀବନ ପାଇଁ କି ତାଙ୍କଠାରୁ ଯୋଉ ଇନ୍ଦ୍ରିୟତୃପ୍ତି ପାଉଥିଲ, କି ଯୋଉ ସାହଚର୍ଯ୍ୟଟିକକ ପାଉଥିଲ ସେଇଥିପାଇଁ ଯଦି କାନ୍ଦୁଥାଅ, ତେବେ ତ ତମେ ନିଜର ନିଃସ୍ୱତା ପାଇଁ, ଆତ୍ମ-ଅନୁକମ୍ପା ହେତୁ କାନ୍ଦୁଛ। ନୁହଁ କି? ହେଇପାରେ ତମେ ଏଇ ପ୍ରଥମ ଥର ପାଇଁ ନିଜ ଅନ୍ତରର ନିଃସ୍ୱତା ନେଇ ସଚେତନ ହେଇଛ। କଥାଟା ନରମ କରି କହିବାକୁ ଗଲେ ହେବ– ତମେ ତମ ସ୍ୱାମୀଙ୍କ ପାଖରେ ନିଜର ସବୁତକ ପୁଞ୍ଜି ଅଜାଡ଼ି ଦେଇଥିଲ। ଆଉ ସେଇଥିରୁ ତମେ ସୁଖ, ସନ୍ତୋଷ, ସାନ୍ତ୍ୱନା, ଆମୋଦ ପାଉଥିଲ। ନୁହଁ କି? ଏବେ ଅନୁଭବ କରୁଛ ହରେଇ ବସିବାର ଭାବ, ନିଃସଙ୍ଗତା ଓ ଚିନ୍ତା ଉଦ୍‌ବେଗର ଯନ୍ତ୍ରଣା– ଏଗୁଡ଼ାକ କଣ ଏକ ପ୍ରକାର ଆତ୍ମ-ଅନୁକମ୍ପା ନୁହଁ କି? ଏସବୁକୁ ଟିକିଏ ଚାହିଁ ଦେଖ। ଯା'ପ୍ରତି ହୃଦୟଟାକୁ ପଥର କରିଦେଇ ଆଉ କହ ନାହିଁ ଯେ 'ମୋ ସ୍ୱାମୀଙ୍କୁ ମୁଁ ଭଲପାଏ। ମୋ ନିଜ କଥା ତ ମୁଁ ଆଦୌ ଏତେ ଟିକିଏ ବି ଭାବୁ ନ ଥିଲି। ତାଙ୍କୁ ମୁଁ ଆପଟ କରି ରଖିବାକୁ ଖୋଜିଥିଲି ଯଦିଓ ତାଙ୍କ ଉପରେ ପ୍ରାୟ ଆଧିପତ୍ୟ ବିସ୍ତାର କରି ବସୁଥିଲି। ହେଲେ ସୁଦ୍ଧା ଏସବୁ ତାଙ୍କରି ପାଇଁ ହିଁ କରୁଥିଲି, ଆଉ ମୋ ଆପଣା ଚିନ୍ତା ତ ତା'ଭିତରେ ଏତେ ଟିକିଏ ବି ନଥିଲା'। ଏବେ ସେ ଚାଲିଗଲା ପରେ ତମେ ନିଜର ପ୍ରକୃତ ଅବସ୍ଥା ନେଇ ସଚେତନ ହେଉଛ। ନୁହଁ କି? ତାଙ୍କ ମରଣ ତମକୁ ଦୋହଲାଇ ଦେଇଛି। ଆଉ ତମ ମନ ଓ ହୃଦୟର ପ୍ରକୃତ ଅବସ୍ଥାଟା ତମକୁ ଦେଖାଇ ଦେଇଛି। ସେ ଦିଗକୁ ନଜର ଦେବା ଲାଗି ତମର ଇଚ୍ଛା ନ

ଥାଇପାରେ। ଡରି ମରି ତମେ ତାହା ପ୍ରତ୍ୟାଖ୍ୟାନ କରିଯାଇପାର। କିନ୍ତୁ ଆଉ ଟିକିଏ ଯଦି ଲକ୍ଷ୍ୟ କର ତେବେ ଦେଖିବ ଯେ ତମେ ନିଜର ନିଃସଙ୍ଗତା ଲାଗି ଝୁରି ହେଉଛ, ନିଜ ଅନ୍ତରର ଅସହାୟତା ଯୋଗୁ ତମେ କାନ୍ଦୁଛ। ତା ଅର୍ଥ ଏ ସବୁ କେବଳ ଆତ୍ମ-ଅନୁକମ୍ପା ଯୋଗୁଁ ହିଁ ହେଉଛି।

ସେ କହିଲେ 'ଆପଣ ବଡ଼ ନିଷ୍ଠୁର। ନୁହଁ କି? ଆପଣଙ୍କ ପାଖରୁ ସାନ୍ତ୍ୱନା ଟିକିଏ ପାଇବାକୁ ମୁଁ ଧାଇଁ ଆସିଥିଲି, ଅଥଚ ଆପଣ ଏ କଅଣ ମତେ ଧରଉଛନ୍ତି?'

### ଏକ ହିଁ ବିପ୍ଳବ

ଦୁଃଖ ସମ୍ବନ୍ଧରେ କ୍ରିଷ୍ଣମୂର୍ତ୍ତି କ'ଣ କହନ୍ତି ଦେଖିବା। ସେ କହନ୍ତି "ଦୁଃଖଟା ହେଉଛି ଅନ୍ତରର ଗଭୀର ବେଦନା, ଅନିଶ୍ଚୟତା, ସଂପୂର୍ଣ୍ଣ ନିଃସଙ୍ଗତାର ଅନୁଭବ। ଦୁଃଖ କହିଲେ, ମୃତ୍ୟୁଜନିତ ଦୁଃଖ; ଆପଣା ଅଭିଳାଷ ପୂର୍ଣ୍ଣ ନ ହେବାର ଦୁଃଖ; ଅନ୍ୟମାନେ ତମକୁ ସ୍ୱୀକୃତି ଦେଉ ନ ଥିବାର ଦୁଃଖ; ପୁଣି ତମେ ଜଣକୁ ଭଲ ପାଉଥାଅ କିନ୍ତୁ ସେ ଯଦି ତମକୁ ଭଲପାଉ ନ ଥାଏ ତେବେ ସେ ଦୁଃଖ। ଏମିତି ଭିନ୍ନ ଭିନ୍ନ ପ୍ରକାରର ଦୁଃଖ ସବୁ ରହିଛି। ଏହି ଦୁଃଖକୁ ଭଲରୂପେ ବୁଝି ନଥିଲେ ଜୀବନରେ ଦେଖା ଦେଉଥିବା ସଂଘର୍ଷ, ଦୁର୍ଦ୍ଦଶାର ଅନ୍ତ ଘଟିବ ନାହିଁ। ନିତି ନିତି ଘଟି ଚାଲିଥିବା ଭ୍ରଷ୍ଟାଚାର, ଅପକର୍ଷର ଅନ୍ତ ଘଟିବ ନାହିଁ।

ଦୁଃଖ– ଏହା ଚେତନ ତଥା ଅଚେତନ ଏ ଉଭୟ ପ୍ରକାରେ ଦେଖା ଦେଇଥାଏ। ଅଚେତନ ଦୁଃଖ ଦେଖା ଦେବା ମୂଳରେ କୌଣସି ପ୍ରତ୍ୟକ୍ଷ କାରଣ ନ ଥାଏ। ଚେତନ ଦୁଃଖକୁ ତ ଆମେ ସମସ୍ତେ ଜାଣିଥାଉ ଏବଂ ଏ ପ୍ରକାର ଦୁଃଖ ଦେଖାଦେଲେ ତା' ପାଇଁ କଣ କରିବା କଥା ତାହା ମଧ୍ୟ ଆମକୁ ଜଣାଥାଏ। ସେପରି କ୍ଷେତ୍ରରେ ତାହା ଦେଖାଦେଲେ ଆମେ ତା'ଠାରୁ ଦୂରକୁ ପଳାଇ ଯାଉ ନଚେତ କୌଣସି ଧର୍ମବିଶ୍ୱାସର ଆଶ୍ରୟ ନେଉ ବା ସେତେବେଳେ ଦୁଃଖକୁ ଯୁକ୍ତିସଂଗତ କରାଇ ତାକୁ ଏଡ଼ାଇ ଦେଇଥାଏ; ନଚେତ୍ ତାକୁ ଭୁଲିବା ପାଇଁ ନିଶାଦ୍ରବ୍ୟର ଆଶ୍ରୟ ନେଇଥାଉ; ତାହା ବୌଦ୍ଧିକ ନିଶା ହେଉ ବା ପ୍ରାକୃତିକ ନିଶା ହେଉ କି ଗୁଡ଼ାଏ ସଂଳାପରେ ନିଜକୁ ଭୁଲାଇ ଦେଇ ବା ଅନ୍ୟ କୌଣସି ଆମୋଦ ପ୍ରମୋଦରେ ନିଜକୁ ଭୁଲାଇ ଦେଇ ସେଥିରୁ ଉଦ୍ଧାର ପାଇବାର ଉପକ୍ରମ କରିଥାଉ। ଏତେ କଥା ସିନା ଆମେ କରୁ ହେଲେ ସେହି ଚେତନ ଦୁଃଖଠାରୁ କେବେ ବି ରକ୍ଷା ପାଉ ନାହିଁ।

ସେଠୁ ଆସୁଛି ଅଚେତନ ଦୁଃଖ କଥା। ଏ ପ୍ରକାର ଦୁଃଖକୁ ଶହ ଶହ ବର୍ଷ ଧରି ଆମେ ଉତ୍ତରାଧିକାରୀ ସୂତ୍ରରେ ଲାଭ କରି ଆସିଛୁ। ଏହି ଦୁଃଖ ଜିନିଷଟା, ଯାହା କି ଗଭୀର ବେଦନା, ଦାରୁଣ ଯନ୍ତ୍ରଣାକୁ ବୁଝାଏ ଏହାକୁ କଟେଇବା ଲାଗି ମଣିଷ ଅନବରତ ଚେଷ୍ଟା ଚଳେଇ ଆସିଛି। ଉପରେ ଦେଖିବାକୁ ମଣିଷ ଯେଡ଼େ ସୁଖୀ ମନେ ହେଉ  ନା କାହିଁକି ତା' ନିକଟରେ ଯେତେ ତା'ର ଆପଣା ବାଞ୍ଛିତ ପଦାର୍ଥମାନ ଥାଉ ନା କାହିଁକି, ତାର ଅଚେତନ ସ୍ତରରେ ଦୁଃଖଟା ସେମିତି ଚେର ମେଲି ରହିଥାଏ। ତେଣୁ ଦୁଃଖର ଅବସାନ ଘଟାଇବା ନେଇ ଆମେ ଯେ କହୁଛୁ, ସେପରି ସ୍ଥଳେ ଚେତନ ତଥା ଅଚେତନ, ଏ ଉଭୟ ପ୍ରକାର ଦୁଃଖର ଅବସାନ ଘଟାଇବା ନେଇ ଲାଗିଛୁ ବୋଲି ବୁଝିବାକୁ ହେବ।

ଦୁଃଖର ଅବସାନ ଘଟାଇବାକୁ ହେଲେ, ତା' ପାଇଁ ଏକ ଏକାନ୍ତ ସରଳ, ଅତ୍ୟନ୍ତ ନିର୍ମଳ ମନଟିଏ ଥିବା ଆବଶ୍ୟକ। ସରଳ ହେବାକୁ ହେଲେ ତା' ପାଇଁ ପ୍ରଭୂତ ବୁଦ୍ଧି ଓ ସଂବେଦନଶୀଳତା ଥିବା ଦରକାର। ଦୁଃଖର ମୁକାବିଲା କରିବା ନେଇ କ୍ରିଷ୍ଣମୂର୍ତ୍ତି କହନ୍ତି, "ଯେଉଁଆଡ଼େ ବି ଦୃଷ୍ଟି ପକାଅ ନା କାହିଁକି ସବୁଠି ଦୁଃଖ ପାଇଁ ଦରଦ ଓ ସହାନୁଭୂତି ଦେଖିବାକୁ ପାଇଥାଅ। ତା' ସତ୍ତ୍ୱେ ଆଖିର ଲୁହ ଓ କୋହଭରା ଆଶୀର୍ବାଦକୁ ସାଥିକରି ଦୁଃଖ ତାର ବାଟ କାଟି କାଟି ଚାଲିଥାଏ। ପ୍ରତ୍ୟେକ ହୃଦୟ ଦୁଃଖକୁ ଚିହ୍ନିଥାଏ। ତାକୁ ତମେ ସାଥିରେ ଧରି ଚଳ କି ତା' ଠାରୁ ନିଜକୁ ତମେ ଦୂରେଇ ନିଅ ତଥାପି ଦୁଃଖଟା ଆହୁରି ପ୍ରବଳ ଆହୁରି ଶକ୍ତିଶାଳୀ ହେବା ଲାଗି ସୁଯୋଗ ପାଇଥାଏ। ଏତେ କଥା ସତ୍ତ୍ୱେ ଦୁଃଖଟା ଅସୁମାରୀ ସ୍ମୃତିକୁ ସାଥିକରି ଆତ୍ମ-ଅନୁକଂପାର ଧାରା ରୂପେ ଗଡ଼ି ଚାଲିଥାଏ।

କେବଳ ଆତ୍ମ-ସମାଲୋଚନାମୂଳକ ସଜାଗ୍ରତା, ମନକୁ ବାଛ-ବିଚାର-ରହିତ କରାଇ ତାହାକୁ ଦୁଃଖରୁ ମୁକ୍ତ କରିଥାଏ। ଏହି ଜଟିଳ ବାସ୍ତବ କଥାଟାକୁ ବିନା ବାଛବିଚାରରେ ସ୍ପଷ୍ଟ ଭାବରେ ଦେଖିନେବାରେ ଦୁଃଖର ଅବସାନ ଘଟିଥାଏ। ଆମ ନିକଟରେ ଯାହା କିଛି ଜ୍ଞାତ, ପରିଚିତ ରହିଛି ବିନା ଚେଷ୍ଟା ଉଦ୍ୟମରେ ସେସବୁର ଅନ୍ତ ଘଟିଯିବା ଦରକାର। ତେବେ ଯାଇ ସେଇ ଯାହା କି ଅନାବିଷ୍କୃତ ତାର ସନ୍ଧାନ ମିଳିଥାଏ।

**'Beyond the Pathless'** ରୁ ଉଦ୍ଧୃତ।

Only the mind that is free can discover what is true, discover, not be told what is true. The description is not the fact. To discover whether there is a reality or not, we must be capable of seeing the true as the true, the false as the false, and not wait to be told like a lot of immature children.

**– J Krishnamurti**

# ଜେ. କ୍ରିଷ୍ଣମୂର୍ତ୍ତିଙ୍କ ସ୍ମୃତିରୁ କିଛି...

କ୍ରିଷ୍ଣମୂର୍ତ୍ତିଙ୍କର ଅଭ୍ୟାସ ହେଉଛି ସେ ଏଭଳି ପ୍ରଶ୍ନସବୁ ପଚାରନ୍ତି ଯାହାର ଜବାବ ଦେବା କଷ୍ଟକର। ଥରେ ଏଭଳି ଏକ ସମୟରେ ବନାରସ୍‌ର ରାଜଘାଟଠାରେ ଅବସ୍ଥାନ କରୁଥିବାବେଳେ ପି.କ୍ରିଷ୍ଣଙ୍କୁ ସେ ପଚାରିଲେ "ଆଚ୍ଛା କହିଲେ, ବ୍ରାହ୍ମଣମାନେ କ'ଣ ଏ ଦେଶରୁ ପୂରାପୂରି ଉଭେଇ ଗଲେଣି ?" ଜବାବରେ ପି.କ୍ରିଷ୍ଣ କହିଲେ "ବ୍ରାହ୍ମଣ କହିଲେ ଆପଣ କି ଅର୍ଥ କରୁଛନ୍ତି, ଜାଣେ ନାହିଁ; ତେବେ ଏଠାର ଏକ ଚତୁର୍ଥାଂଶ ବାସିନ୍ଦା ନିଜକୁ ବ୍ରାହ୍ମଣ ବୋଲି ପରିଚୟ ଦେଇଥା'ନ୍ତି।" କ୍ରିଷ୍ଣମୂର୍ତ୍ତି କହିଲେ 'ନା..ନା.. ଜନ୍ମଗତ ଭାବେ ବ୍ରାହ୍ମଣ... ସେ କଥା ତ ମୁଁ କହୁନାହିଁ। ସେ ଗୁଡ଼ାକ ତ ତୁଚ୍ଛା ପିଲାଳୀଆମୀ। ବ୍ରାହ୍ମଣ କହିଲେ କ'ଣ ବୁଝାଏ...ଜାଣ ? ଏତିକି କହି ସେ ଗପଟିଏ କହିବା ଆରମ୍ଭ କଲେ।

ଆଲେକ୍‌ଜାଣ୍ଡର ଯେତେବେଳେ ଭାରତ ଆକ୍ରମଣ କଲେ ଏବଂ ଭାରତର ରାଜା 'ପୁରୁ' ଙ୍କ ସହିତ ଯୁଦ୍ଧ କଲେ, ପୁରୁ ଯୁଦ୍ଧରେ ହାରିଗଲେ। ଆଲେକ୍‌ଜାଣ୍ଡର ରାଜ୍ୟରେ ପ୍ରବେଶ କରି ଦେଖିଲେ ଦେଶର ଚାରିଆଡ଼ ପୂରାପୂରି ଶୃଙ୍ଖଳିତ, ପରିଷ୍କାର ସୁଶାସିତ; ଲୋକମାନେ ସୁଖରେ ଅଛନ୍ତି। ସେଠୁ ସେ ପୁରୁଙ୍କୁ ପଚାରିଲେ "ଆପଣଙ୍କ ରାଜ୍ୟର ଏଭଳି ଶୃଙ୍ଖଳା, ସୁଶାସନ ପାଇଁ ଦାୟୀ କିଏ ?" ପୁରୁ ରାଜା କହିଲେ "ଏ ଦେଶରେ ଜଣେ ବ୍ରାହ୍ମଣ ପ୍ରଧାନମନ୍ତ୍ରୀ ଥିଲେ; ଏସବୁ ପାଇଁ ସେ ଦାୟୀ।" ଆଲେକ୍‌ଜାଣ୍ଡର କହିଲେ "ତେବେ ସେହି ପ୍ରଧାନମନ୍ତ୍ରୀଙ୍କୁ ଡକେଇ ଆଣ।" ସେଠୁ ସେହି ପ୍ରଧାନମନ୍ତ୍ରୀଙ୍କୁ ଡାକି ଆଣିବାକୁ ଦୂତ ଗଲା। ଦୂତ ଜଣକ ଫେରି ଆସି ଜଣାଇଲା, "ତମ ରାଜାଙ୍କୁ ଜଣାଇ ଦିଅ, ମୁଁ ଆଉ ତାଙ୍କ ଅଧୀନରେ ଚାକିରୀ କରୁନାହିଁ। ଆଉ ମଧ ବ୍ରାହ୍ମଣ କେବେ କାହା ନିକଟକୁ ଯାଏ ନାହିଁ; ତେଣୁ ମୁଁ ଯାଇ ପାରିବି ନାହିଁ।" ଏକଥା ଶୁଣି ଆଲେକ୍‌ଜାଣ୍ଡର କହିଲେ 'ହଉ ତେବେ ମୁଁ ତାଙ୍କ ଗ୍ରାମକୁ ଯାଇ ତାଙ୍କ ସହିତ ଦେଖା କରିବି।'

ଆଲେକ୍‌ଜାଣ୍ଡରଙ୍କୁ ତାଙ୍କ ଗ୍ରାମକୁ ନିଆଗଲା। ସେତେବେଳେ ବ୍ରାହ୍ମଣ ଜଣକ ଗୋଟିଏ ଗଛମୂଳେ ବସି ଦୁଇଜଣ ଛାତ୍ରଙ୍କୁ ପାଠ ପଢ଼ାଉଥିଲେ। ଯେତେବେଳେ ଆଲେକ୍‌ଜାଣ୍ଡରଙ୍କ ଆଗମନୀ ସଂପର୍କରେ ବ୍ରାହ୍ମଣ ଜଣଙ୍କୁ ଅବଗତ କରାଗଲା ସେ ନଜର ଟେକି ଆଲେକ୍‌ଜାଣ୍ଡରଙ୍କୁ ଚାହିଁଲେ ଆଉ କହିଲେ 'ମୁଁ ଆପଣଙ୍କର କି ସେବା କରିପାରେ ?" ଆଲେକ୍‌ଜାଣ୍ଡର ପଚାରିଲେ "ଏ ଦେଶର ପ୍ରଧାନମନ୍ତ୍ରୀ ବୋଲାଉଥିବା ବ୍ୟକ୍ତି ଜଣକ କ'ଣ ଆପଣ ?" ଜବାବ ଆସିଲା 'ହଁ'। ଆଲେକ୍‌ଜାଣ୍ଡର କହିଲେ 'ଏ ଦେଶରେ ଏଭଳି ଉତ୍ତମ ଶାସନ କାର୍ଯ୍ୟ ଚଳାଇଥିବା ବ୍ୟକ୍ତି ଜଣକ ଆପଣ ?' ଏକଥା ଶୁଣି ବ୍ରାହ୍ମଣ ଜଣକ କହିଲେ 'ଧନ୍ୟବାଦ'। ସେଠୁ ଆଲେକ୍‌ଜାଣ୍ଡର ପଚାରିଲେ "ଆପଣ ମୋ ସହିତ ମୋ ଦେଶ ଗ୍ରୀସ୍‌କୁ ଆସିବେ କି ? ମୁଁ ଆପଣଙ୍କୁ ସେଠାକୁ ନେଇ ରହିବାକୁ ସବୁଠାରୁ ଉତ୍ତମ ରାଜପ୍ରାସାଦ ଦେବି। ଆମ ସେନା ବାହିନୀର ସର୍ବୋଚ୍ଚ କର୍ତ୍ତା ପଦ ଦେବି। ମୋ ସହିତ ଆସ।" ବ୍ରାହ୍ମଣ ଜଣକ ଆଲେକ୍‌ଜାଣ୍ଡରଙ୍କ ମୁହଁକୁ ଚାହିଁ ଦଣ୍ଡେ ଚିନ୍ତା କଲେ ଆଉ କହିଲେ, "କ୍ଷମା କରିବେ। ଏଠି ଏଇ ପିଲାମାନଙ୍କୁ ମୁଁ ବିଦ୍ୟା ଶିକ୍ଷା ଦେବାକୁ ଚାହେଁ।"

ଏତକ ଶୁଣାଇ ସାରି କ୍ରିଷ୍ଣମୂର୍ତ୍ତି କହିଲେ "ସେଇ ହେଉଛି ବ୍ରାହ୍ମଣ– ତମେ ତାଙ୍କୁ କେବେ ଖରିଦ୍ କରିପାରିବ ନାହିଁ। ବ୍ରାହ୍ମଣ କେବେ କୌଣସି ପୁରସ୍କାର ଲୋଭରେ କାର୍ଯ୍ୟ କରେ ନାହିଁ।"

**'A Jewel on a silver Platter'** ରୁ ଉଦ୍ଧୃତ।

# ମୃତ୍ୟୁ – ଏକ ମହା ବିଶୋଧନକାରୀ ପ୍ରକ୍ରିୟା

ମୃତ୍ୟୁଟା କେବଳ ଏକ ରହସ୍ୟମୟ ପ୍ରସଙ୍ଗ ନୁହଁ ତା ସାଙ୍ଗକୁ ଏହା ଏକ ମହା ବିଶୋଧନକାରୀ ପ୍ରକ୍ରିୟା ମଧ୍ୟ। ଯେ କୌଣସି ବସ୍ତୁ ହେଉ ତାହା ଯଦି ବାରମ୍ବାର ବାରମ୍ବାର ଭାବେ ସଂଘଟିତ ହୁଏ ତେବେ ତାହା ଅଧୋଗତି ଘଟାଇ ଥାଏ। ତାହା ଦେଶ, ଜଳବାୟୁ, ପରିସ୍ଥିତିକୁ ଚାହିଁ ଅବା ଭିନ୍ନ ଭିନ୍ନ ଧରଣର ହୋଇଥାଏ, ହେଲେ ସୁଦ୍ଧା ତାହା ଢାଞ୍ଚା ତ ! ଯେ କୌଣସି ଧରଣର ଢାଞ୍ଚା ହେଉ, ତାହା ବାରମ୍ବାର ବାରମ୍ବାର ଚାଲିଲେ ଏକ ଧାରାବାହିକତା ସୃଷ୍ଟି କରାଏ ଏବଂ ସେଭଳି ଧାରାବାହିକତା ମଣିଷ ପକ୍ଷରେ ଅଧୋଗତି କାରକ ହୋଇଥାଏ। ସେପରି ଧାରାବାହିକତାର ଯଦି ଅବସାନ ନ ଘଟେ ତେବେ ନୂଆଟିଏ କେବେ ଦେଖା ଦେଇପାରେ ନାହିଁ। ଯଦି ଜଣେ ଭାବନା, ଭୟ, ଘୃଣା, ପ୍ରେମ– ଏସବୁର ସମୁଦାୟ ଗତିକୁ ବୁଝିଯାଏ ତେବେ ମୃତ୍ୟୁ କହିଲେ କ'ଣ ବୁଝାଏ, ତାର ଗୂଢ଼ ଅର୍ଥକୁ ସେ ତତ୍‌କ୍ଷଣାତ୍ ଧରିପାରେ।

**ମୃତ୍ୟୁ**, କହିଲେ ଏହା କ'ଣ ବୁଝାଏ ? ଏଭଳି ପ୍ରଶ୍ନଟିଏ ଉଠିଲେ ଭାବନାରୁ ବହୁତ ଜବାବ ବାହାରେ। ଭାବନା କହେ 'ମୃତ୍ୟୁ ନେଇ ଏତେ ସବୁ ଅପ୍ରୀତିକର ବ୍ୟାଖ୍ୟା ଭିତରକୁ ମୁଣ୍ଡ ପୂରାଇବା ମୋର ଦରକାର ନାହିଁ।' ପ୍ରତ୍ୟେକ ବ୍ୟକ୍ତିର ଏଥିକୁ ଗୋଟିଏ ଗୋଟିଏ ଜବାବ ଥାଏ, ଯାହା କି ତାର ସଂସ୍କାରବଦ୍ଧତା ଅନୁଯାୟୀ, ତା'ର କାମନା ବାସନା ଅନୁଯାୟୀ, ତାର ଆଶା, ବିଶ୍ୱାସ ଅନୁଯାୟୀ ହୋଇଥାଏ। ଭାବନାର ମଧ୍ୟ ଏକ ଜବାବ ରହିଥାଏ। ସେହି ଜବାବଟା ପ୍ରାୟତଃ ବୁଦ୍ଧିଭିତ୍ତିକ ନିଶ୍ଚୟ, କାରଣ ଭାବନାଟା ତାକୁ ସେପରି ଭାବରେ ବ୍ୟକ୍ତ କରିଥାଏ। କିନ୍ତୁ ଆମେ ଏବେ ତାର କୌଣସି ଜବାବ ନ ଦେଇ ତାକୁ ପୂରାପୂରି ଅଜ୍ଞାତ ଭାବରେ, ପୂରାପୂରି ରହସ୍ୟମୟ ଭାବରେ ଧରି ସମ୍ପୂର୍ଣ୍ଣ ରୂପେ ଅନୁସନ୍ଧାନ କରି ଦେଖୁଛୁ। କାରଣ ମୃତ୍ୟୁଟା ସଂପୂର୍ଣ୍ଣ ରୂପେ ଏକ ଅତ୍ୟନ୍ତ ରହସ୍ୟମୟ ପ୍ରସଙ୍ଗ; ଏହା ଏକ ଅତ୍ୟନ୍ତ ବିସ୍ମୟକର କଥା।

ମଣିଷ ବେଶ୍, ଭଲ ଭାବରେ ଜାଣେ ଯେ ପ୍ରାଣୀ ବା ଜୀବ ମାତ୍ରକେ ମୃତ୍ୟୁବରଣ କରିଥାଏ ଏବଂ ମସ୍ତିଷ୍କଟା ତା ଜୀବନ କାଳ ମଧ୍ୟରେ ବିଭିନ୍ନ ଭାବରେ ଅପବ୍ୟବହୃତ ହୋଇ ହୋଇ ଅର୍ଥାତ୍ ସଂଯମହୀନ ହୋଇ ଚଳିବା, ଅସଂଗତ ଭାବେ ଜୀବନ ବିତାଇବା, ସଦାସର୍ବଦା ଚେଷ୍ଟା ଉଦ୍ୟମ ଖଟାଇବା, ଅନବରତ ଭାବେ ସଂଗ୍ରାମ କରିବା, ଅଭ୍ୟାସଚାଳିତ ଧାରାରେ ଚଳିବା, ଏପରି କରି କରି ନିଜକୁ କ୍ଷୟ କରାଇଦିଏ। ଯେହେତୁ ଏହା ଏକ ଯନ୍ତ୍ରଟିଏ ଭଳି କଳମୋଡ଼ା ଢଙ୍ଗରେ ଚାଲିଥାଏ ତେଣୁ ସେପରି ଚାଲି ଚାଲି ଶୀଘ୍ର କ୍ଷୟପ୍ରାପ୍ତ ହୋଇଯାଏ ବା ମୃତ୍ୟୁ ବରଣ କରେ। ଏହି ମସ୍ତିଷ୍କ ହେଉଛି ସ୍ମୃତିର ଭଣ୍ଡାର। ସ୍ମୃତି କହିଲେ ବୁଝାଏ ଅନୁଭୂତି ଅଭିଜ୍ଞତା, ଜ୍ଞାନ ଯାହା କି ମସ୍ତିଷ୍କରେ ଥାଏ। ମସ୍ତିଷ୍କରେ ଥିବା କୋଷ ଗୁଡ଼ିକରେ ସ୍ମୃତି ରୂପେ ସଂଚିତ ଜ୍ଞାନ ଅନୁଭୂତିରୁ ଦେଖାଦିଏ ଭାବନା। ଜୀବ ଯେତେବେଳେ ମୃତ୍ୟୁ ବରଣ କରେ, ତା' ସହିତ ତା ମସ୍ତିଷ୍କର ମଧ୍ୟ ଅବସାନ ଘଟେ। ଭାବନାଟା ହେଉଛି ଏକ ଜଡ଼ ପ୍ରକ୍ରିୟା। ଏହା କିଛି ଆଧ୍ୟାତ୍ମିକ ଜିନିଷ ନୁହଁ। ମସ୍ତିଷ୍କରେ ଥିବା କୋଷମାନଙ୍କରେ ଏହା ସ୍ମୃତି ରୂପେ ଥାଏ। ଏହି ଭାବନା ହିଁ 'ମୁଁ'ର ସମଗ୍ର ରୂପକୁ ସୃଷ୍ଟି କରାଇଥାଏ। ମୁଁ କହିଲେ ବୁଝାଏ– ସେଇ ଯାହା କି ଏଇଟା ଚାହେଁ, ସେଇଟା ଚାହେଁ ନାହିଁ, ସେଇ ଯାହା କି ଭୟାର୍ତ୍ତ ଥାଏ, ଚିନ୍ତା ଉଦ୍‌ବିଗ୍ନରେ ଭରା ଥାଏ। ନୈରାଶ୍ୟରେ ଭାଙ୍ଗି ପଡୁଥାଏ, ବଳିଷ୍ଠ ଭାବେ କିଛି ଖୋଜୁଥାଏ, ନିଃସଙ୍ଗ ଥାଏ, ମରିବାକୁ ପ୍ରାଣେ ଭୟ କରୁଥାଏ। ଭାବନାଟା କହେ 'ମଣିଷ ଯେ ତା'ର ସାରା ଜୀବନ ଧରି ଏତେ ସବୁ ସଂଗ୍ରାମ ଚଳାଇଲା, ଏତେ ଏତେ କଥା ଅନୁଭୂତି ବଳରେ ହାସଲ କଲା, ଏତେ କଥା ଅର୍ଜନ କଲା, ପୁଣି କଦର୍ଯ୍ୟ ଭାବରେ, ନିର୍ବୋଧଙ୍କ ଭଳି ଚଳିଲା, ଦୟନୀୟ ଭାବରେ ଜୀବନ ବିତାଇଲା ଶେଷକୁ ଏ ସବୁ କଥା ଏମିତି ମୃତ୍ୟୁରେ ପୋଛି ହୋଇଗଲା ?' ଏଥିକୁ ଭାବନା ବାହାରି କହେ 'ନାଇଁ... ନାଇଁ ଏଇଠି ସେସବୁ ଶେଷ ହୋଇ ନାହିଁ... ଆଉ ଏକ ଜଗତ ଯେ ରହିଛି।' କିନ୍ତୁ ସେଇ ଆର ଜଗତଟା ବି ସେଇ ଭାବନାର ସଚଳନ।

ତମର ପ୍ରଶ୍ନ ହେଲା ମୃତ୍ୟୁ ପରେ କ'ଣ ହୁଏ। ଏବେ ଆସ, ଏକ ଭିନ୍ନ ଧରଣର ପ୍ରଶ୍ନ ପଚାରି ଦେଖ– ମୃତ୍ୟୁ ପୂର୍ବରୁ ମଣିଷ କି ପ୍ରକାର ଅବସ୍ଥାରେ ଥାଏ; ମୃତ୍ୟୁରେ କ'ଣ ହୁଏ– ତା' ନୁହେଁ। ମୃତ୍ୟୁ ପୂର୍ବର ଅବସ୍ଥା କହିଲେ ବୁଝାଉଛି ମଣିଷର ଜୀବିତ ବେଳର ଅବସ୍ଥା କଥା। ମଣିଷର ଜୀବିତାବସ୍ଥାଟା କି ପ୍ରକାର ଥାଏ ? ତାହା ହେଉଛି ସ୍କୁଲ ଯିବା, କଲେଜ ଯିବା, ବିଶ୍ୱବିଦ୍ୟାଳୟକୁ ଯିବା, ଚାକିରୀ ବା ଧନ୍ଦାଟିଏ ଧରିବା, ପୁରୁଷ ଓ ସ୍ତ୍ରୀ ଏକାଠି ରହିବା, ପୁରୁଷ ଜଣକ ପଚାଶ ବର୍ଷ ଧରି ଅଫିସ୍ ଯିବା, ସ୍ତ୍ରୀ ଲୋକଟି ଅଧିକ ଆୟ ଲାଗି କାର୍ଯ୍ୟ କରିବା, ସେମାନଙ୍କର ଛୁଆପିଲା ହେବା, ଦୁଃଖ ଯନ୍ତ୍ରଣା, ଚିନ୍ତା ଉଦ୍‌ବେଗ ଭିତର ଦେଇ କାଳ କଟାଇବା, ପରସ୍ପର ସହିତ ଝଗଡ଼ା କରିବା– ଏଇ ସବୁ ତ ! ଏଭଳି ଏକ ଦୟନୀୟ ଜୀବନ ବିତାଉ ଥିବା ସ୍ଥଳେ ସେ ପୁଣି ଜାଣିବାକୁ ଚାହେଁ ମୃତ୍ୟୁ ପରେ କ'ଣ ହୁଏ। ସେ ସଂପର୍କରେ ତ ଗଦା ଗଦା ପୋଥି ପୁସ୍ତକ ଲେଖା ହୋଇ ସାରିଛି; ତାହା କହେ 'ଏସବୁ ସତ ବୋଲି ବିଶ୍ୱାସ କର'। ଜଣେ ଯଦି ଏ ସବୁକୁ ଆଡ଼େଇ ଦିଏ ତେବେ ସେ କି ଜିନିଷର ସମ୍ମୁଖୀନ ହୁଏ ? ସେତେବେଳେ ସେଇ ଭାବନା-ପ୍ରସୂତ ସ୍ୱୟଂର 'ସ୍ୱ' ର ଅବସାନ ଘଟିଥାଏ। ମଣିଷଠାରେ ଯେତେ ସବୁ ଚିନ୍ତା ଉଦ୍‌ବେଗ ଥାଏ, ଯେତେ ସବୁ ଆଶା, ଆକାଂକ୍ଷା ଥାଏ ସେସବୁର ଅନ୍ତ ଘଟିଥାଏ। ମଣିଷ ଯେତେବେଳେ ଜୀବିତ ଥାଏ, ସେତେବେଳେ ସେ ଯେଉଁଭଳି ଭାବରେ ଚଳୁଥାଏ, ସେତେବେଳେ ସେ ଯେମିତି ଶକ୍ତି ସାମର୍ଥ୍ୟରେ ଭରା ଥାଇ ଚଳୁଥାଏ, ସମସ୍ତ ଚିନ୍ତା ଜଞ୍ଜାଳକୁ ମୁଣ୍ଡରେ ଲଦି ସେ ଯେମିତି ଚଳୁଥାଏ, ସେଇ ପ୍ରକାରେ ସେ ଉପସ୍ଥିତ କାଳୀନ ମୃତ୍ୟୁର ସମ୍ମୁଖୀନ ହୋଇ ପାରିବ ? ଏବେ ସିନା ସେ ପ୍ରାଣ-ପ୍ରାଚୁର୍ଯ୍ୟରେ ଭରା ରହିଛି। ଶକ୍ତି ସାମର୍ଥ୍ୟ ଓ ଦକ୍ଷତାରେ ଭରା ରହିଛି। ମୃତ୍ୟୁ ହେଉଛି ଜୀବନର ଅବସାନ। ସେଥିପାଇଁ କୁହା ଯାଉଛି **ମୃତ୍ୟୁ** କୁ ସାଥିକରି ମୁଁ ଜୀବନ ନିର୍ବାହ କରିପାରିବି କି ? ତା'ର ଅର୍ଥ ଏବେ ମୁଁ ତମ ପ୍ରତି ଯେ ଆସକ୍ତ ରହିଛି, ସେହି ଆସକ୍ତିକୁ କଟାଇ ଦେବାଟା ହେଲା **ମୃତ୍ୟୁ**, ନୁହଁ କି ? ଜଣେ ଯଦି ଲୋଭୀ ଥାଏ, ସେ ଯେତେବେଳେ ମରିଯାଏ ତାର ସେଇ ଲୋଭକୁ ସାଥିରେ ଧରି ସେ ଯାଇପାରେ ନାହିଁ। ତେଣୁ ସେଇ ଲୋଭରେ ସେ ପୂର୍ଣ୍ଣଚ୍ଛେଦ ପକାଇବା ଦରକାର– ସାତଦିନ ସମୟ ନେଇ ନୁହଁ କି ଦଶଦିନ ସମୟ ନେଇ ନୁହଁ– ଏଇ ଏବେ ତାକୁ ଶେଷ କରିଦେବା ଦରକାର। ଅତଏବ, ମଣିଷ ଜୀବିତ ଥିବାବେଳେ ପ୍ରାଣ-ପ୍ରାଚୁର୍ଯ୍ୟତାରେ, ଶକ୍ତି ବଳରେ, ଦକ୍ଷତାରେ ଭରା ଥାଇ ଜୀବନ ବିତାଉଥିବ, ଲକ୍ଷ୍ୟ କରି କରି ସବୁ ଜିନିଷକୁ ଦେଖୁଥିବ, ଧରା ପୃଷ୍ଠର ସୌନ୍ଦର୍ଯ୍ୟକୁ ଦୃଷ୍ଟି ଦେଇ ଦେଖୁଥିବ ଏବଂ ସେସବୁକୁ ସେଇ ମୂହୁର୍ତ୍ତକ ମଧ୍ୟରେ କଟାଇ ଦେଉଥିବ, ଏହାକୁ କହନ୍ତି **ମୃତ୍ୟୁ** । ତା' ହେଲେ ମୃତ୍ୟୁ ପୂର୍ବରୁ ଜୀବନ ବିତାଇବାଟା

ହେଉଛି ମୃତ୍ୟୁକୁ ସାଥିରେ ଧରି ଜୀବନ ବିତାଇବା। ଏହା ହେଉଛି ଏମିତିରେ ମଣିଷ କାଳାତୀତ ଜଗତରେ ବାସ କରୁଥାଏ। ଏଥିରେ ସେ ଏଭଳି ଏକ ଜୀବନ ନିର୍ବାହ କରେ, ଯେଉଁଥିରେ କି ସେ ଯାହା ଯାହା ଅର୍ଜନ କରୁଥାଏ ସେସବୁକୁ ସେ ଅନବରତ ଭାବେ ସମାପ୍ତ କରି କରି ଚାଲିଥାଏ। ଏମିତିରେ ସଦାବେଳେ ଏକ ବିସ୍ମୟକର ସ୍ରୋତ ବହି ଚାଲିଥାଏ, ଏଥିରେ ମଣିଷ ଠାଏ ଅଟକି ରହିଯାଏ ନାହିଁ, ଏସବୁ କିଛି କଳ୍ପିତ କଥା ନୁହେଁ। ଜଣେ ଯେତେବେଳେ ମୃତ୍ୟୁକୁ ଆମନ୍ତ୍ରଣ ଜଣାଏ ତା'ର ଅର୍ଥ ହେଲା ପ୍ରତିଦିନ, ପ୍ରତି ମୂହୁର୍ତ୍ତରେ ସେ ଯେତେ ଯାହା ସବୁ ଜାବୁଡ଼ି ଧରିଥାଏ ସେ ସବୁର ନିକଟରେ ମୃତ୍ୟୁ ବରଣ କରିଯିବା, ତେବେ ଦେଖିବ କିଛି ଗୋଟାଏ ବି ରହିଯିବାକୁ ନାହିଁ, ଯାହାକୁ କି ତମେ ଖୋଜି ପାଇ ପାରିବ। କାରଣ ତାହା ତ ନାହିଁ– ସେତେବେଳେ ଯେଉଁ କାଳାତୀତ ପରିସର ଦେଖାଦେବ ସେଥିରେ ସମୟ ରୂପକ ଗତି ହିଁ ନ ଥିବ। ଏହାର ଅର୍ଥ ତମ ଚେତନାରୁ ସବୁ ଜିନିଷ ପୋଛି ଖାଲି ହୋଇଯିବ, ଫଳରେ ସମୟ ହିଁ ରହିବ ନାହିଁ। ସମୟ କାଳ ଅର୍ଥାତ୍ ମୃତ୍ୟୁର ପରିସମାପ୍ତି ଘଟିଯିବା। ତାହା ହିଁ ମୃତ୍ୟୁ (which is death)।

(The wholeness of Life
Part II, Ch. 4)

## ପୁସ୍ତକରୁ ପଦେ...




### ଏହି ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ପୁସ୍ତକ

## "ଏଇ ଯେ ସଂସ୍କୃତି"

ନିଃସଙ୍ଗତାର ବ୍ୟଥା ଯେତେବେଳେ ତମଠି ଦେଖାଦିଏ, ତାକୁ ସାହସର ସହିତ ମୁକାବିଲା କରିବା କଥା। ତା'ଠୁ ଖସି ପଳେଇବାର କୌଣସି ଚେଷ୍ଟା ନ କରି, ତା' ଆଡ଼େ ଚାହିଁ ଦେଖିବ। ତମେ ଯଦି ତା ପାଖରୁ ଧାଇଁ ପଳେଇ ଯାଅ, ତେବେ ତ କେବେହେଲେ ତାକୁ ବୁଝି ପାରିବ ନାହିଁ, ଆଉ ସଦାବେଳେ ସେଇଟା ତମକୁ ଛକି ରହିଥିବ। ଏଣେ କିନ୍ତୁ ତମେ ଯଦି ନିଃସଙ୍ଗତାକୁ ବୁଝିଯାଅ ଓ ତାକୁ ଅତିକ୍ରମ କରିଯାଅ, ତେବେ ଦେଖିବ ଆଉ ଖସି ପଳେଇବାର ଆବଶ୍ୟକତା ରହିବ ନାହିଁ। ଆପଣାକୁ ପରିତୃପ୍ତ କରିବା ଲାଗି ବା ଆମୋଦ ପ୍ରମୋଦରେ ଭସାଇ ରଖିବା ଲାଗି ତମ ଭିତରୁ ଆଉ ସ୍ପୃହା ଉଠିବ ନାହିଁ। କାରଣ ତମର ମନ ଏଭଳି ସମ୍ପଦର ସନ୍ଧାନ ପାଇଯିବ ଯାହା କି ଅକଳୁଷିତ ଓ କୌଣସି କାଳେ ଧ୍ୱଂସ ହୁଏ ନାହିଁ।

**ପୃ - ୩୭୬, ମୁଦ୍ରଣ - ୪, ମୂଲ୍ୟ - ୮୦.୦୦**

*"In oneself lies the whole world and if you know how to look and learn, the door is there and the key is in your hand. Nobody on earth can give you either the key or the door to open, except yourself".*

– J. Krishnamurti

*Published in January, May & September* Odia Periodical

*If undelivered, please return to:*
**Krishnamurti Foundation India Cuttack Centre**,
Purighat Road, Upper Telenga Bazar,
Cuttack-753 009. Odisha (INDIA)
Tel: (0671) 6417990, e-mail: jibanakatha@gmail.com
Website : www.kficc.org

Published by Saumitra Das on behalf of Cuttack Centre Krishnamurti Foundation India, Purighat Road, Upper Telenga Bazar, Cuttack-753 009. Printed by Graphic Art Offset Press, Nuapatna, Manglabag, Cuttack-1. Editor : Punya Prava Patnaik